### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୬.୬୭ • ପାଉଣ୍ଡ ୧୨୯.୬୭
- ୟୁରୋ ୧୧୨.୦୩ • ୟେନ୍ ୦.୬୧

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୫୮,୬୭୦ (ଭୁବନେଶ୍ୱର)
- ରୁପା : ୩,୦୦,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୫,୨୦୧.୦୦
- ନିଫ୍ଟି ୨୩,୬୧୮.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୫.୨୫ (ଭୁବନେଶ୍ୱର)
- ଡିଜେଲ୍ - ୯୬.୮୩



# ସୁନା ମୂଲ୍ୟରେ ୧,୩୩୮ ଟଙ୍କା ବୃଦ୍ଧି

## ୧.୫୯ ଲକ୍ଷ ଛୁଇଁଲା ସୁନା, ରୂପା ୨.୭୦ ଲକ୍ଷ ପାର୍

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ଘରୋଇ ବଜାରରେ ସୁନା ଏବଂ ରୂପା ମୂଲ୍ୟରେ କ୍ରମାଗତ ବୃଦ୍ଧି ଜାରି ରହିଛି। ଇଣ୍ଡିଆ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ଅନୁଯାୟୀ, ଆଜି ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୧,୩୩୮ ଟଙ୍କା ବୃଦ୍ଧି ପାଇ ୧.୫୯ ଲକ୍ଷ ଟଙ୍କାରେ ପହଞ୍ଚିଛି। ସେହିପରି ରୂପା ମୂଲ୍ୟ ମଧ୍ୟ କିଲୋଗ୍ରାମ ପ୍ରତି ବୃଦ୍ଧି ପାଇ ୨.୭୦ ଲକ୍ଷ ଟଙ୍କା ଛୁଇଁଛି। ଚଳିତ ବର୍ଷ ସୁନା ୨୬ ହଜାର ଓ ରୂପା ୩୯ ହଜାର ଟଙ୍କା ମହଙ୍ଗା ହୋଇଛି। ୨୦୨୬ ଆରମ୍ଭରୁ ଉଭୟ ସୁନା ଓ ରୂପା ଦରରେ ବାରମ୍ବାର ଉତ୍ଥାନ-ପତନ ଦେଖିବାକୁ ମିଳୁଛି। ୨୦୨୫ ଡିସେମ୍ବର ସୁଦ୍ଧା ୧୦ ଗ୍ରାମ ସୁନା ଦର ୧.୩୩ ଲକ୍ଷ ଟଙ୍କା ଥିବାବେଳେ, ଏବେ ଏହା ୨୬ ହଜାର ଟଙ୍କା ବଢ଼ି ୧.୫୯ ଲକ୍ଷ ଟଙ୍କା ହୋଇଛି। ଅପରପକ୍ଷରେ, ରୂପା ମୂଲ୍ୟ ୨.୩୦ ଲକ୍ଷ ଟଙ୍କାରୁ ୩୯ ହଜାର ଟଙ୍କା ମହଙ୍ଗା ହୋଇ ୨.୭୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁଆରୀ ଶେଷ ସୁଦ୍ଧା ସୁନା ୧.୭୬ ଲକ୍ଷ ଏବଂ ରୂପା ୩.୮୬ ଲକ୍ଷ ଟଙ୍କାର ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଥିଲା। ସେପଟେ କେନ୍ଦ୍ର ସରକାର ସୁନା ଓ ରୂପା ଆମଦାନୀ ଉପରେ ଲାଗୁ ହେଉଥିବା ଟ୍ୟାକ୍ସକୁ ୬% ରୁ ବୃଦ୍ଧି କରି ୧୫% କରିଛନ୍ତି। ଏଥିରେ ସୁନା ଉପରେ ୧୦% ବେସିକ୍ କଷ୍ଟମ୍ସ ଡ୍ୟୁଟି ଏବଂ ୫% ଏଗ୍ରିକଲ୍‌ଚର ଇନଫ୍ରାଷ୍ଟ୍ରକଚର ଆଣ୍ଡ ଡେଭଲପମେଣ୍ଟ ସେସ୍ (ଓଆଇଡିସି) ସାମିଲ ରହିଛି।



**ଚଳିତ ବର୍ଷ ୨୬ ହଜାର ମହଙ୍ଗା**

**ଡଲାର ତୁଳନାରେ ଖସିଲା ଟଙ୍କା**

# ଦରଦାମ୍ ବଢ଼ିବା ଆଶଙ୍କା ବୃଦ୍ଧି

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟରେ ଏକ ବଡ଼ଧରଣର ହ୍ରାସ ଘଟିଛି। ମଙ୍ଗଳବାର ଟଙ୍କାର ବିନିମୟ ମୂଲ୍ୟ ୪୦ ପଇସା ହ୍ରାସ ପାଇ ପ୍ରଥମ ଥର ପାଇଁ ରେକର୍ଡ ୯୬.୬୭ ସ୍ତରକୁ ଖସିଛି। ବିଶେଷଜ୍ଞଙ୍କ ମତରେ, ଯଦି ଅନ୍ତର୍ଜାତୀୟ ବଜାରରେ ଏଭଳି ପରିସ୍ଥିତି ଲାଗିରହେ, ତେବେ ଆଗାମୀ ଦିନରେ ଏହା ୧୦୦ ତଳକୁ ମଧ୍ୟ ଖସିବାର ବେଶ୍ ସମ୍ଭାବନା ରହିଛି। ଟଙ୍କା ହ୍ରାସ ପାଇବାର ମୁଖ୍ୟ କାରଣ ସାଜିଛି ଆମେରିକା-ଇରାନ ମଧ୍ୟରେ ଉତ୍ତେଜନା। ପଶ୍ଚିମ ଏସିଆରେ ବଢ଼ୁଥିବା ବୈଶ୍ୱିକ ସଙ୍କଟ ଯୋଗୁଁ ବିଶ୍ୱ ବଜାରରେ ଅନିଶ୍ଚିତତା ଦେଖାଦେଇଛି।



ଏବେ କଞ୍ଚା ତେଲ ଦର ବୃଦ୍ଧି ଘଟିଛି। ଆଶୋଧିତ ତୈଳ ମୂଲ୍ୟ ବ୍ୟାରେଲ୍ ପ୍ରତି ପ୍ରାୟ ୧୧୦ ଡଲାରରେ ପହଞ୍ଚିଛି। ଏହା ଦେଶର ଆମଦାନୀ ଖର୍ଚ୍ଚକୁ ବଢ଼ାଇ ଦେଇଛି। ତା ଉପରେ ହର୍ମୁଜ ପ୍ରଣାଳୀ ଅବରୋଧ ଫଳରେ ତୈଳ ଯୋଗାଣର ପ୍ରମୁଖ ମାର୍ଗ ପ୍ରଭାବିତ ହୋଇଛି। ଏହାଦ୍ୱାରା ଦେଶରେ ଅସ୍ଥିରତା ଆଶଙ୍କା କରି ବିଦେଶୀ ନିବେଶକ ପୁଞ୍ଜି ନିବେଶ ପାଇଁ ବିଶ୍ୱାସ ହରାଇଛନ୍ତି। ଫଳରେ ବିଦେଶୀ ପୁଞ୍ଜି ନିବେଶ ପ୍ରତ୍ୟାହାର ହେବାରେ ଲାଗିଛି। ଅନ୍ତର୍ଜାତୀୟ ବଜାରରେ ଅସ୍ଥିରତା କାରଣରୁ ମଧ୍ୟ ବିଦେଶୀ ନିବେଶକମାନେ ଭାରତୀୟ ଶେୟାର ମାର୍କେଟରୁ କ୍ରମାଗତ ଭାବେ ନିଜ ଅର୍ଥ ଉଠାଇ ନେଉଛନ୍ତି। ପୁଣି ଶକ୍ତିଶାଳୀ ଡଲାର ଓ ଆମେରିକୀୟ ବଣ୍ଡର ସ୍ଥିର ଲାଭ ଦୃଷ୍ଟିରୁ ବିଶ୍ୱସ୍ତରରେ ସୁରକ୍ଷିତ ନିବେଶ ଭାବେ ଆମେରିକୀୟ ଡଲାରର ଚାହିଦା ବୃଦ୍ଧି ପାଇଛି। ଏସବୁ କାରଣ ଗୁଡ଼ିକ ମିଳିତ ଭାବେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ଅର୍ଥ ବ୍ୟବସ୍ଥା ଏବଂ ସାଧାରଣ ଜନତାଙ୍କ ଉପରେ ପ୍ରଭାବ ପକାଇବାରେ ଲାଗିଛି। ଟଙ୍କାର ମୂଲ୍ୟ ହ୍ରାସ ପାଇବା ଦ୍ୱାରା ଦେଶରେ ମୁଦ୍ରାସ୍ଫୀତି ବଢ଼ିବା ବା ମହଙ୍ଗା ମାଡ଼ ପରିସ୍ଥିତି ଆଶଙ୍କା ଦେଖାଦେଇଛି। ଏହାଦ୍ୱାରା ପେଟ୍ରୋଲ-ଡିଜେଲ ଏବଂ ଆମଦାନୀ ହେଉଥିବା ଜରୁରୀ ସାମଗ୍ରୀ ଯଥା ଏଲପିଜି, ପ୍ଲାଷ୍ଟିକ, ମୋବାଇଲ ଓ ଲାପଟପ୍ ଆଦି ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ମୂଲ୍ୟ ବୃଦ୍ଧି ହେବ। ଏହା ସହିତ ବିଦେଶ ଭ୍ରମଣ ଏବଂ ବିଦେଶରେ ଉଚ୍ଚଶିକ୍ଷା ଗ୍ରହଣ କରିବା ମଧ୍ୟ ପୂର୍ବ ଅପେକ୍ଷା ଅଧିକ ବ୍ୟୟବହୁଳ ହେବ ବୋଲି କୁହାଯାଉଛି।

**ଇରାନ ଯୁଦ୍ଧରୁ ରୁଷକୁ ବଡ଼ ଫାଇଦା**

# ମଜଭୁତ ହେଉଛି 'ରୁବଲ୍'

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ମଧ୍ୟ-ପ୍ରାଚ୍ୟରେ ଦେଖାଦେଇଥିବା ଯୁଦ୍ଧ ପରିସ୍ଥିତି ଏବଂ ବଢ଼ୁଥିବା ବିଶ୍ୱ ରାଜନୈତିକ ଉତ୍ତେଜନା ବିଶ୍ୱ ଅର୍ଥନୀତି ତଥା ବିଭିନ୍ନ ଦେଶର ମୁଦ୍ରା ଉପରେ ବ୍ୟାପକ ପ୍ରଭାବ ପକାଇଛି। ଇରାନ ସହ ଜଡ଼ିତ ଚାଲିଥିବା ସଂଘର୍ଷ ଏବଂ ବିଶ୍ୱ ବଜାରକୁ ତୈଳ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ମଧ୍ୟରେ ରୁଷର ମୁଦ୍ରା 'ରୁବଲ୍' ବିଶ୍ୱର ସବୁଠାରୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ମୁଦ୍ରା ଭାବେ ଉଭା ହୋଇଛି। ଚଳିତ ଏପ୍ରିଲ ମାସ ଆରମ୍ଭରୁ ଆମେରିକୀୟ ଡଲାର ତୁଳନାରେ ରୁବଲ୍ ପ୍ରାୟ ୧୨ ପ୍ରତିଶତ ସଶକ୍ତ ହୋଇ ଏକ ଡଲାର ୭୨.୬ ରୁବଲ୍ ହୋଇଛି। ଫେବୃଆରୀ ୨୦୨୩ ପରେ ରୁଷୀୟ ମୁଦ୍ରାର ଏହା ସବୁଠାରୁ ସୁଦୃଢ଼ ସ୍ତର ଅଟେ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର କ୍ରମାଗତ ମୂଲ୍ୟ ବୃଦ୍ଧି ଏବଂ ଏହା ଦ୍ୱାରା ରୁଷକୁ ମିଳୁଥିବା ବିପୁଳ ବୈଦେଶିକ ମୁଦ୍ରା ଆୟ ହିଁ ରୁବଲ୍‌କୁ ଏହି ଅପ୍ରତ୍ୟାଶିତ ସ୍ଥିରତା ପ୍ରଦାନ କରିଛି। ବୈଦେଶିକ ମୁଦ୍ରା ବିକ୍ରିରେ ରେକର୍ଡ ବୃଦ୍ଧି ରୁବଲ୍ ସଶକ୍ତ ହେବାର ମୁଖ୍ୟ କାରଣ ସାଜିଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବଢ଼ିବା ଯୋଗୁଁ ରୁଷର ପ୍ରମୁଖ ତୈଳ ରପ୍ତାନିକାରୀ କମ୍ପାନୀଗୁଡ଼ିକର ବୈଦେଶିକ ମୁଦ୍ରା ବିକ୍ରି ଏପ୍ରିଲ ମାସରେ ପ୍ରାୟ ତିନି ଗୁଣ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ପୁଣି ରୁଷର ମୁଖ୍ୟ ୟୁରାଲ୍ସ କ୍ରୁଡ୍‌ର ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବା ଫଳରେ ଦେଶକୁ ଡଲାର ଏବଂ ଅନ୍ୟାନ୍ୟ ବୈଦେଶିକ ମୁଦ୍ରା





ଆକାରରେ ଅଧିକ ଲାଭ ମିଳୁଛି। ୟୁକ୍ରେନ ଯୁଦ୍ଧ ପରେ ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷ ଉପରେ ଅନେକ ଆର୍ଥିକ କଟକଣା ଲଗାଇଥିଲେ ମଧ୍ୟ ରୁଷ ନିଜର ବାଣିଜ୍ୟିକ ବ୍ୟବସ୍ଥାରେ ପରିବର୍ତ୍ତନ କରିଛି। ଫଳରେ ପାଶ୍ଚାତ୍ୟ କଟକଣା ରୁଷ ନୀତି ଆଗରେ ବିଫଳ ହୋଇଛି। ବର୍ତ୍ତମାନ ରୁଷର ଅଧିକାଂଶ ଆମଦାନୀ ଓ ଅନ୍ତର୍ଜାତୀୟ ବ୍ୟାପାର ରୁବଲ୍ ମାଧ୍ୟମରେ ହିଁ ସମ୍ପାଦିତ ହେଉଛି। ଫଳରେ ବୈଦେଶିକ ମୁଦ୍ରା ଉପରେ ନିର୍ଭରଶୀଳତା ହ୍ରାସ ପାଇଛି। ସେପଟେ ଦେଶରୁ ପୁଞ୍ଜି ବାହାରକୁ ନଯିବା ପାଇଁ ରୁଷର କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାରକୁ ବେଶ୍ ଉଚ୍ଚ ରଖିଛି। ଏହାଦ୍ୱାରା ନିବେଶକମାନେ ଦେଶ ଭିତରେ ହିଁ ନିଜ ଅର୍ଥ ଜମା ରଖୁଛନ୍ତି। ଫଳରେ ଅର୍ଥନୀତି ଉପରେ ଏହାର ସୁପ୍ରଭାବ ଦେଖିବାକୁ ମିଳିଛି।

**ରୁଷ୍‌ର ଶକ୍ତି ସାଜିଛି ଅଶୋଧିତ ତୈଳ**

ତେବେ କେତକ ଆର୍ଥିକ ସମୀକ୍ଷକଙ୍କ ଅନୁସାରେ, ମଜଭୁତ ରୁବଲ୍ ଦେଶ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ନୁହେଁ। ଏହାର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ରହିଛି। ମୁଦ୍ରା ଶକ୍ତିଶାଳୀ ହେବା ଦ୍ୱାରା ବିଦେଶରୁ ଆମଦାନୀ ଶସ୍ତା ହେବ ଏବଂ ଦେଶ ମଧ୍ୟରେ ମୁଦ୍ରାସ୍ଫୀତି କିଛି ସମୟ ଯାଏଁ ନିୟନ୍ତ୍ରଣରେ ରହିବ। କିନ୍ତୁ ରୁଷର ରପ୍ତାନିକାରୀ କମ୍ପାନୀଗୁଡ଼ିକ ବିଦେଶରୁ ପାଉଥିବା ଡଲାର ଆୟକୁ ଯେତେବେଳେ ରୁବଲ୍‌ରେ ପରିବର୍ତ୍ତନ କରିବେ, ସେମାନଙ୍କୁ କମ୍ ଟଙ୍କା ମିଳିବ। ଏହାଦ୍ୱାରା କମ୍ପାନୀଗୁଡ଼ିକର ଲାଭ ଏବଂ ସରକାରଙ୍କ ଟ୍ୟାକ୍ସ ରାଜସ୍ୱ ପ୍ରଭାବିତ ହୋଇପାରେ। ମଧ୍ୟ-ପ୍ରାଚ୍ୟର ଏହି ସଂଘର୍ଷ ଦୀର୍ଘସ୍ଥାୟୀ ହେଲେ ରୁଷର କେନ୍ଦ୍ରୀୟ ବ୍ୟାଙ୍କ ଆଗାମୀ ଦିନରେ ସୁଧ ହାର ହ୍ରାସ କରିବା ନିଷ୍ପତ୍ତିକୁ ସ୍ଥଗିତ ରଖିପାରେ। ବ୍ୟାଙ୍କ ପକ୍ଷରୁ ଏନେଇ ସଙ୍କେତ ଦିଆଯାଇଛି। ବୈଶ୍ୱିକ ରାଜନୈତିକ ସଂଘର୍ଷ ରୁଷ ପାଇଁ ଦୀର୍ଘକାଳୀନ ମୁଦ୍ରାସ୍ଫୀତିର ବିପଦ ଆଣିପାରେ। ଯଦିଓ ବଢ଼ୁଥିବା ତୈଳ ମୂଲ୍ୟ ରୁଷ ଅର୍ଥନୀତିକୁ ସମର୍ଥନ ଦେଉଛି, ତଥାପି ସାଧାରଣ ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ଋଣ ଶସ୍ତା ହେବାରେ ବିଳମ୍ବ ଘଟିବ। ବର୍ତ୍ତମାନ ସମଗ୍ର ବିଶ୍ୱର ଆର୍ଥିକ ବଜାର ମଧ୍ୟ-ପ୍ରାଚ୍ୟର ସ୍ଥିତି ଏବଂ ରୁଷର ରପ୍ତାନି ରଣନୀତି ଉପରେ ନଜର ରଖିଛି। ତୈଳ ବଜାରରେ ଏଭଳି ତେଜି ବଜାୟ ରହିଲେ ଆଗାମୀ ମାସଗୁଡ଼ିକରେ ରୁବଲ୍ ଆହୁରି ଅଧିକ ଶକ୍ତିଶାଳୀ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ।

# ଦେଶରେ କ୍ରେଡିଟ୍ କାର୍ଡ ବ୍ୟବହାର ୨.୬ ଗୁଣ ବୃଦ୍ଧି

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ଦେଶରେ ଡିଜିଟାଲ୍ ପେମେଣ୍ଟ ଏବଂ କ୍ରେଡିଟ୍ କାର୍ଡର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ପ୍ରକାଶିତ ସର୍ବଶେଷ ତଥ୍ୟ ଅନୁଯାୟୀ, ବର୍ଷ ୨୦୨୧ ରୁ ୨୦୨୫ ମଧ୍ୟରେ ଦେଶରେ କ୍ରେଡିଟ୍ କାର୍ଡ କାରବାରରେ ୨.୬ ଗୁଣରୁ ଅଧିକ ବୃଦ୍ଧି ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ କ୍ରେଡିଟ୍ କାର୍ଡ ବଜାରରେ ବେସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ନିଜର ସ୍ଥିତିକୁ ଆହୁରି ମଜବୁତ କରିଛନ୍ତି। ଆର୍‌ବିଆଇର ପେମେଣ୍ଟ ସିଷ୍ଟମ ରିପୋର୍ଟ, ଡିସେମ୍ବର ୨୦୨୫ ଅନୁଯାୟୀ, ୨୦୨୧ରେ କ୍ରେଡିଟ୍ କାର୍ଡ କାରବାର ସଂଖ୍ୟା ୨୧୬ କୋଟି ଥିଲା। ବର୍ତ୍ତମାନ ଏହା ବୃଦ୍ଧି ପାଇ ୫୬୦ କୋଟିରେ ପହଞ୍ଚିଛି। ସେହିପରି କ୍ରେଡିଟ୍ କାର୍ଡ ମାଧ୍ୟମରେ ହୋଇଥିବା ମୋଟ କାରବାରର ମୂଲ୍ୟ ପ୍ରାୟ ୩ ଗୁଣ ବୃଦ୍ଧି ପାଇଛି। ଏହି ପରିମାଣ ୮.୯ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୩.୨ ଲକ୍ଷ କୋଟି ଟଙ୍କା ଛୁଇଁଛି। ସେପଟେ ଦେଶରେ ଡେବିଟ୍ କାର୍ଡର ବ୍ୟବହାରରେ କ୍ରମାଗତ ହ୍ରାସ ପରିଲକ୍ଷିତ ହେଉଛି। ୨୦୨୧ରେ ଡେବିଟ୍ କାର୍ଡ ସାହାଯ୍ୟରେ ୪୦୮.୭ କୋଟି କାରବାର ହୋଇଥିବା ବେଳେ, ୨୦୨୫ ରେ ଏହା ହ୍ରାସ ପାଇ ମାତ୍ର ୧୩୩.୬ କୋଟିରେ ସୀମିତ ରହିଛି। ଏହାସହ ଏହାର ମୋଟ କାରବାର ମୂଲ୍ୟ ମଧ୍ୟ ୭.୪ ଲକ୍ଷ କୋଟି ଟଙ୍କାରୁ ୪.୫ ଲକ୍ଷ କୋଟି ଟଙ୍କାକୁ ଖସି ଆସିଛି। ରିଜର୍ଭ ବ୍ୟାଙ୍କର ସୂଚନା ଅନୁସାରେ, ୟୁପିଆଇ, ଡିଜିଟାଲ୍ ୱାଲେଟ୍ ଏବଂ କ୍ରେଡିଟ୍ କାର୍ଡର ବ୍ୟାପକ ବ୍ୟବହାର ଯୋଗୁଁ ଡେବିଟ୍ କାର୍ଡର ଚାହିଦା କମିଛି। ତଥାପି ଏହା ଦେଶରେ ସର୍ବାଧିକ ସଂଖ୍ୟାରେ ଉପଲବ୍ଧ ଥିବା କାର୍ଡ ହୋଇ ରହିଛି। ରିପୋର୍ଟ ଅନୁସାରେ, ଡିସେମ୍ବର ୨୦୨୫ ସୁଦ୍ଧା କ୍ରେଡିଟ୍ କାର୍ଡ ବଜାରରେ ପ୍ରାଇଭେଟ୍ ବ୍ୟାଙ୍କଗୁଡ଼ିକର ଅଂଶଧନ ବୃଦ୍ଧି ପାଇ ୭୧.୧ ପ୍ରତିଶତ ହୋଇଛି। ଏହାର ଭାଗ ଡିସେମ୍ବର ୨୦୨୧ ରେ ବଜାରରେ ୬୭.୭ ପ୍ରତିଶତ ଥିଲା। ସରକାରୀ ବ୍ୟାଙ୍କଗୁଡ଼ିକର ଅଂଶଧନ ସାମାନ୍ୟ ବୃଦ୍ଧି ପାଇ ୨୩.୯ ପ୍ରତିଶତରେ ପହଞ୍ଚିଥିବା ବେଳେ ବିଦେଶୀ ବ୍ୟାଙ୍କର ଅଂସଧନ ହ୍ରାସ ପାଇ ୩.୮ ପ୍ରତିଶତ ହୋଇଛି। ଏଥିସହିତ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କଗୁଡ଼ିକ ମଧ୍ୟ ଏହି କ୍ଷେତ୍ରରେ ପାଦ ଥାପି ଡିସେମ୍ବର ୨୦୨୫ ସୁଦ୍ଧା ପ୍ରାୟ ୧୪ ଲକ୍ଷ କ୍ରେଡିଟ୍ କାର୍ଡ ଜାରି କରିଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ, ଦେଶରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାରେ ଏକ ବଡ଼ କ୍ରାନ୍ତି ଦେଖିବାକୁ ମିଳିଛି। ବର୍ଷ ୨୦୧୬ ରୁ ୨୦୨୫ ମଧ୍ୟରେ ଦେଶରେ ଡିଜିଟାଲ୍ କାରବାର ସଂଖ୍ୟା ପ୍ରାୟ ୩୩ ଗୁଣ ବୃଦ୍ଧି ପାଇଛି।

**ହ୍ରାସ ପାଉଛି ଡେବିଟ୍ କାର୍ଡ ବ୍ୟବହାର**

# ୧୦% କର୍ମଚାରୀଙ୍କୁ ଛଟେଇ କଲେ ମାର୍କ ଜୁକରବର୍ଗ

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ଫେସବୁକ୍, ଇନଷ୍ଟାଗ୍ରାମ ଏବଂ ହ୍ୱାଟସଆପ୍‌ର ମୂଳ ସଂସ୍ଥା ମେଟା କମ୍ପାନୀ ଏହାର ମୋଟ ବିଶ୍ୱସ୍ତରୀୟ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୧୦ ପ୍ରତିଶତଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ମେ ୨୦ରୁ କାର୍ଯ୍ୟକାରୀ ହେବ। ଏହି ନିଷ୍ପତ୍ତି ମେଟାର କାର୍ଯ୍ୟଧାରାରେ କୃତ୍ରିମ ବୁଦ୍ଧିମତା (ଏଆଇ)କୁ ଅଧିକ ଗୁରୁତ୍ୱ ଦେବ ଏବଂ ସାଙ୍ଗଠନିକ ଢାଞ୍ଚାକୁ ସରଳ କରିବା ଲକ୍ଷ୍ୟରେ ନିଆଯାଇଛି। ମେଟା ପ୍ରାୟ ୭,୦୦୦ କର୍ମଚାରୀଙ୍କୁ ଏଆଇ ସମ୍ବନ୍ଧୀୟ ନୂତନ ପ୍ରକଳ୍ପଗୁଡ଼ିକରେ ନିଯୋଜିତ କରିବାକୁ ଯୋଜନା କରିଛି। ଏହି ପରିବର୍ତ୍ତନଗୁଡ଼ିକ କମ୍ପାନୀର ପ୍ରାୟ ୨୦ ପ୍ରତିଶତ କର୍ମଚାରୀଙ୍କୁ ପ୍ରଭାବିତ କରିବ। ମେଟା ସିଇଓ ମାର୍କ ଜୁକରବର୍ଗ ଏହି ପରିବର୍ତ୍ତନକୁ ସମର୍ଥନ କରି କହିଛନ୍ତି ଯେ, ଏଆଇ ମଣିଷର ସ୍ଥାନ ନେବ ନାହିଁ, ବରଂ ଏହା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିବ। ତେବେ କମ୍ପାନୀ ଭିତରେ ଏହାକୁ ନେଇ ପ୍ରବଳ ଅସନ୍ତୋଷ ଏବଂ ପ୍ରତିବାଦ ଦେଖାଦେଇଛି। ବିଶେଷ କରି କର୍ମଚାରୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ବ୍ୟବହୃତ ହେଉଥିବା 'ମାଉସ୍-ଟ୍ରାକିଂ ସଫ୍ଟୱେର୍'କୁ ନେଇ ୧,୦୦୦ରୁ ଅଧିକ କର୍ମଚାରୀ ଏକ ପିଟିସନରେ ସ୍ୱାକ୍ଷର କରି ବିରୋଧ ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ମେଟା ଏବେ ଏକ "ଅଲଟ୍ରାଫ୍ଲାଟ" ସାଙ୍ଗଠନିକ ସଂରଚନାକୁ କାର୍ଯ୍ୟକାରୀ କରିଛି। ଏଥିରେ ୫୦ ଜଣ ଇଞ୍ଜିନିୟରଙ୍କ ପାଇଁ ମାତ୍ର ଜଣେ ମ୍ୟାନେଜର ରହିବେ। ଛଟେଇ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ଉତ୍ତର ଆମେରିକାର କର୍ମଚାରୀଙ୍କୁ ମେ ୨୦ରେ ଘରୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମାଇକ୍ରୋସଫ୍ଟ ଭାରତରେ ଗଢ଼ିବ ସବୁଠୁ ବଡ଼ ଡାଟା ସେଣ୍ଟର

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ବୈଶ୍ୱିକ ପ୍ରଯୁକ୍ତିବିଦ୍ୟା କମ୍ପାନୀ ମାଇକ୍ରୋସଫ୍ଟ ୨୦୨୬ ମଧ୍ୟଭାଗ ସୁଦ୍ଧା ଭାରତରେ ଏହାର ସବୁଠାରୁ ବଡ଼ ଡାଟା ସେଣ୍ଟର କାର୍ଯ୍ୟକ୍ଷମ କରିବାକୁ ଯୋଜନା କରୁଛି। ହାଇଦ୍ରାବାଦରେ ପ୍ରତିଷ୍ଠା ହେବାକୁ ଥିବା ଏହି ବିଶାଳ ପ୍ରକଳ୍ପ ସମ୍ପର୍କରେ ମାଇକ୍ରୋସଫ୍ଟ ଇଣ୍ଡିଆ ଏବଂ ସାଉଥ୍ ଏସିଆର ସଭାପତି ପୁନୀତ ଚାନ୍ଦୋକ ସୂଚନା ଦେଇଛନ୍ତି। ଭାରତର କ୍ଲାଉଡ୍ ଭିତ୍ତିଭୂମି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏହାର ଲକ୍ଷ୍ୟ ରହିଛି। ଭାରତରେ ଆଜୁର୍ କ୍ଲାଉଡ୍ ସେବା ଏବଂ କୋପାଇଲଟ୍ ଏଆଇ ଆସିଷ୍ଟାଣ୍ଟର ଚାହିଦା ବ୍ୟାପକ ଭାବେ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ମାଇକ୍ରୋସଫ୍ଟ ପୂର୍ବରୁ ଘୋଷଣା କରିଥିବା ୩ ବିଲିୟନ ଡଲାର ସହିତ ଅତିରିକ୍ତ ୧୭.୫ ବିଲିୟନ ଡଲାର ପୁଞ୍ଜିନିବେଶ କରୁଛି। ଏହି ପୁଞ୍ଜିକୁ ଏସିଆରେ କମ୍ପାନୀ ପକ୍ଷରୁ ସର୍ବବୃହତ ନିବେଶ ବୋଲି କୁହାଯାଇଛି। ଟାଟା କନସଲଟେନ୍ସି ସର୍ଭିସେସ୍ (ଟିସିଏସ୍), ଇନଫୋସିସ୍ ଏବଂ କଗ୍ନିଜାଣ୍ଟ ପରି ପ୍ରମୁଖ ଭାରତୀୟ ଆଇଟି କମ୍ପାନୀଗୁଡ଼ିକ ମାଇକ୍ରୋସଫ୍ଟର ଏହି ସେବା ଦ୍ୱାରା ଉପକୃତ ହେବେ। ବିଶ୍ୱ ସ୍ତରରେ ଏଆଇ ପ୍ରଫେସନାଲମାନଙ୍କର ଅଭାବ ଦେଖାଦେଇଥିବାରୁ ଉପଯୁକ୍ତ କର୍ମଚାରୀ ନିଯୁକ୍ତି ଏକ ବଡ଼ ଆହ୍ୱାନ ପାଲଟିଛି।

### ଆଇସିଆଇସିଆଇ ଡେବିଟ୍ କାର୍ଡ ଡିସିସି ଶୁଳ୍କରେ ବୃଦ୍ଧି

# ଗ୍ରାହକଙ୍କୁ ଦେବାକୁ ପଡ଼ିବ ୩.୫% ଚାର୍ଜ

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ଆଇସିଆଇସିଆଇ ବ୍ୟାଙ୍କର ଗ୍ରାହକ ଏବଂ ବିଦେଶୀ କାରବାର କରୁଥିବା ଗ୍ରାହକଙ୍କ ପାଇଁ ବ୍ୟାଙ୍କ ପକ୍ଷରୁ ଡେବିଟ୍ କାର୍ଡ ମାଧ୍ୟମରେ ହେଉଥିବା ଡାଇନାମିକ୍ କରେନ୍ସି କନଭର୍ସନ (ଡିସିସି) ଶୁଳ୍କରେ ବଡ଼ ଧରଣର ବୃଦ୍ଧି କରାଯାଇଛି। ଆଇସିଆଇସିଆଇ ବ୍ୟଙ୍କ ଡେବିଟ୍ କାର୍ଡ ଉପରେ ଡିସିସି ଶୁଳ୍କକୁ ବର୍ତ୍ତମାନର ୧% ରୁ ବୃଦ୍ଧି କରି ୩.୫% କରାଯାଇଛି। ଏହି ସଂଶୋଧିତ ଦେୟ ଆସନ୍ତା ଜୁନ୍ ୨୧ରୁ କାର୍ଯ୍ୟକାରୀ ହେବ। ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ଏହି ଶୁଳ୍କ ବିଷୟରେ ଜଣାଇ ଦିଆଯାଇଛି। ଏହି ନୂତନ ଶୁଳ୍କ ଅନ୍ତର୍ଜାତୀୟ ସ୍ଥାନରେ ଭାରତୀୟ ମୁଦ୍ରାରେ କିଣାକିଣି, ଭାରତରେ ବିଦେଶୀ ପଞ୍ଜିକୃତ ବ୍ୟବସାୟୀଙ୍କୁ ଦେୟ ପ୍ରଦାନ ବେଳେ ଲାଗୁ ହେବ। ଅର୍ଥାତ୍ ଟଙ୍କାରେ ଦେୟ ଦେଲେ ମଧ୍ୟ ଯଦି କାରବାରଟି ଏକ ବିଦେଶୀ ବ୍ୟବସାୟୀ ନେଟୱାର୍କ ମାଧ୍ୟମରେ ସମ୍ପାଦିତ ହୁଏ, ତେବେ ଏହି ଅତିରିକ୍ତ ୩.୫% ଶୁଳ୍କ ଦେବାକୁ ପଡ଼ିବ। ଡିସିସି ହେଉଛି ଏକ ସୁବିଧା ଯାହା ଗ୍ରାହକମାନଙ୍କୁ ବିଦେଶରେ କାରବାର କରିବା ସମୟରେ ସ୍ଥାନୀୟ ବିଦେଶୀ ମୁଦ୍ରା ପରିବର୍ତ୍ତେ ନିଜ ଦେଶର ମୁଦ୍ରାରେ ଦେୟ କରିବାକୁ ଅନୁମତି ଦେଇଥାଏ। ଏହାଦ୍ୱାରା ଭାରତୀୟ ନାଗରିକ କୌଣସି ବିଦେଶୀ ୱେବସାଇଟରେ ପେମେଣ୍ଟ କଲେ ଡଲାର ପରିବର୍ତ୍ତେ ସିଧାସଳଖ ଟଙ୍କାରେ ଦେୟ କରିବାର ବିକଳ୍ପ ମିଳିଥାଏ। ତେବେ ଆଜି ଶୁଳ୍କରେ ଏହି ବୃଦ୍ଧି ପରେ, ବିଦେଶୀ କାରବାର କିମ୍ବା ଅନ୍ତର୍ଜାତୀୟ ୱେବସାଇଟରୁ ଅନଲାଇନ୍ କ୍ରୟ କରିବା ଏବେ ଅଧିକ ବ୍ୟୟବହୁଳ ହେବ।

# ଭାରତରେ ୫,୭୦୦ କୋଟି ନିବେଶ କରିବ ପେପ୍ସିକୋ

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ବିଶ୍ୱର ଅଗ୍ରଣୀ ଖାଦ୍ୟ ଓ ପାନୀୟ ପ୍ରସ୍ତୁତକାରୀ କମ୍ପାନୀ ପେପ୍ସିକୋ ଭାରତୀୟ ବଜାରରେ ଏକ ବୃହତ ପୁଞ୍ଜିନିବେଶ କରିବାକୁ ଯାଉଛି। କମ୍ପାନୀ ୨୦୩୦ ବର୍ଷ ସୁଦ୍ଧା ଭାରତରେ ୫,୭୦୦ କୋଟି ଟଙ୍କା ନିବେଶ କରିବା ପାଇଁ ଲକ୍ଷ୍ୟ ରଖିଛି। କମ୍ପାନୀ ମୁଖ୍ୟତଃ ଖାଦ୍ୟ ଓ ସ୍ନାକ୍ସ ବ୍ୟବସାୟର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି। ପେପ୍ସିକୋ ଇଣ୍ଡିଆ ଏବଂ ସାଉଥ୍ ଏସିଆର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଜାଗୃତ କୋଟେଚା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ବିଶ୍ୱର ଶୀର୍ଷ ୧୩ଟି ବଜାର ମଧ୍ୟରେ ଭାରତ ଅନ୍ୟତମ। ତେଣୁ କମ୍ପାନୀ ଏଠାରେ ନିଜର ବ୍ୟବସାୟ ବିସ୍ତାର କରିବାକୁ ଯୋଜନା କରୁଛି। ଏଥିପାଇଁ କମ୍ପାନୀ ୩ଟି ପ୍ରମୁଖ ରାଜ୍ୟ ମଧ୍ୟପ୍ରଦେଶ, ଆସାମ ଓ ତାମିଲନାଡୁରେ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ସ୍ଥିର କରିଛି। ୨୦୨୫ ରୁ ୨୦୩୦ ମଧ୍ୟରେ ଏହି ରାଜ୍ୟ ଗୁଡ଼ିକରେ କମ୍ପାନୀ ୫,୭୦୦ କୋଟିର ପୁଞ୍ଜିନିବେଶ କରିବ। ଏଥିରେ ମଧ୍ୟପ୍ରଦେଶରେ କମ୍ପାନୀର ଏକ





ବୃହତ କନସେନ୍‌ଟ୍ରେଟସ୍ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ପୂର୍ବ ଭାରତୀୟ ବଜାରକୁ ଉଦ୍ଦେଶ୍ୟ କରି ଓଡ଼ିଶାର ପଡ଼ୋଶୀ ରାଜ୍ୟ ଆସାମରେ ଏକ ନୂଆ ସ୍ନାକ୍ସ ପ୍ଲାଣ୍ଟ ସ୍ଥାପନ କରାଯିବ। ସେହିପରି ଦକ୍ଷିଣ ଭାରତୀୟ ବଜାରକୁ ଧରିବା ପାଇଁ ତାମିଲନାଡୁରେ ଜମି କ୍ରୟ ପ୍ରକ୍ରିୟା ଶେଷ ହୋଇଛି ଏବଂ ଏଠାରେ ଏକ ବଡ଼ ସ୍ନାକ୍ସ ପ୍ଲାଣ୍ଟ ନିର୍ମାଣ ହେବ। ଭାରତରେ ରାଜନୈତିକ ଏବଂ ଅର୍ଥନୈତିକ ସ୍ଥିରତା ସହ ନାଗରିକଙ୍କ କ୍ରମବର୍ଦ୍ଧିଷ୍ଣୁ ଆୟ ବିଦେଶୀ ପୁଞ୍ଜିନିବେଶ ପାଇଁ ସବୁଠାରୁ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ଜାଗୃତ କୋଟେଚା ପ୍ରକାଶ କରିଛନ୍ତି। ରେକର୍ଡ ଲାଭ ସହ ମଜବୁତ ଆର୍ଥିକ ସ୍ଥିତି ପେପ୍ସିକୋ ଇଣ୍ଡିଆର ଚିଫ୍ ଫାଇନାନ୍ସିଆଲ୍ ଅଫିସର ସବିତା ବାଲଚନ୍ଦ୍ରନଙ୍କ ସୂଚନା ଅନୁଯାୟୀ, ଗତ ଆର୍ଥିକ ବର୍ଷରେ କମ୍ପାନୀର ଖାଦ୍ୟ ବିଭାଗ ୧୧% ଅଭିବୃଦ୍ଧି ହାସଲ କରିଛି। ତେବେ ପ୍ରତିକୂଳ ପାଣିପାଗ ଓ ବଜାରରେ ପ୍ରତିଯୋଗିତା ଯୋଗୁଁ ସଫ୍ଟ ଡ୍ରିଙ୍କସ ବା ପାନୀୟ ବ୍ୟବସାୟ ସାମାନ୍ୟ ପ୍ରଭାବିତ ହୋଇଛି। ୨୦୨୫ ଡିସେମ୍ବର ଶେଷ ସୁଦ୍ଧା ପେପ୍ସିକୋ ଇଣ୍ଡିଆ ୯,୭୮୯ କୋଟିର ବ୍ୟବସାୟ କରି ୯୦୫ କୋଟିର ଲାଭ ଅର୍ଜନ କରିଛି। ଏହା କମ୍ପାନୀର ଆଗାମୀ ପ୍ରକଳ୍ପ ଯୋଜନା ଗୁଡ଼ିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ।

# ଶୀର୍ଷ ୧୦୦ କମ୍ପାନୀ ତାଲିକାରୁ ବାଦ୍ ପଡ଼ିଲେ ଭାରତୀୟ ସଂସ୍ଥା

ମୁମ୍ବାଇ,୧୯।୫(ଏଜେନ୍ସି): ଘରୋଇ ନିବେଶ ବଜାରରେ କ୍ରମାଗତ ହ୍ରାସ ଏବଂ ବିଦେଶୀ ନିବେଶକଙ୍କ ସେୟାର ବିକ୍ରି ଯୋଗୁଁ ବିଶ୍ୱର ଶୀର୍ଷ ୧୦୦ଟି ସୂଚୀଭୁକ୍ତ କମ୍ପାନୀ ବା ପ୍ରଭାବଶାଳୀ କମ୍ପାନୀ ତାଲିକାରୁ ଭାରତର ସମସ୍ତ କମ୍ପାନୀ ବାଦ୍ ପଡ଼ିଛନ୍ତି। ବ୍ଲୁମବର୍ଗର ସଦ୍ୟତମ ରିପୋର୍ଟ ଅନୁଯାୟୀ, ୨୦୨୫ ବର୍ଷର ଆରମ୍ଭରେ ଏହି ଗ୍ଲୋବାଲ୍ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏଚଡିଏଫସି ବ୍ୟାଙ୍କ ଏବଂ ଟିସିଏସ୍ ସାମିଲ ଥିଲେ। ମାତ୍ର ବର୍ତ୍ତମାନ ଏଥିରୁ କୌଣସି ଗୋଟିଏ ବି ଭାରତୀୟ କମ୍ପାନୀ ଏହି ସ୍ଥାନ ବଜାୟ ରଖିବାରେ ସଫଳ ହୋଇନାହାନ୍ତି। ଦେଶର ସବୁଠାରୁ ମୂଲ୍ୟବାନ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଗ୍ଲୋବାଲ୍ ର୍ୟାଙ୍କିଙ୍ଗରେ ତଳକୁ ଖସି ବର୍ତ୍ତମାନ ୧୦୬ତମ ସ୍ଥାନରେ ପହଞ୍ଚିଛି। ଏହି ସଂସ୍ଥା ୨୦୨୫ ଆରମ୍ଭରେ ୫୭ତମ ଏବଂ ୨୦୨ ଆରମ୍ଭରେ ୭୩ତମ ସ୍ଥାନରେ ରହିଥିଲା। ସେହିପରି ଘରୋଇ କ୍ଷେତ୍ରର ସବୁଠାରୁ ବଡ଼ ବ୍ୟାଙ୍କ 'ଏଚଡିଏଫସି ବ୍ୟାଙ୍କ' ୨୦୨୫ର ୯୭ତମ ସ୍ଥାନରୁ ବର୍ତ୍ତମାନ ୧୯୦ତମ ସ୍ଥାନକୁ ଖସି ଆସିଛି। ଦେଶର ପ୍ରମୁଖ ଟେଲିକମ୍ ଅପରେଟର ଭାରତୀ ଏୟାରଟେଲ୍ ମଧ୍ୟ ଗତ ବର୍ଷର ୧୬୪ତମ ସ୍ଥାନରୁ ୨୦୨ତମ ସ୍ଥାନକୁ ପଛେଇ ଯାଇଛି।





**ପ୍ରଥମ ସ୍ଥାନରେ ଏନ୍‌ଭିଡିଆ।**

ବିଶ୍ୱ ବଜାରରେ ଆମେରିକୀୟ ଆଇଟି କମ୍ପାନୀଗୁଡ଼ିକର ପ୍ରଭୁତ୍ୱ ଜାରି ରହିଛି। ବିଶ୍ୱ ବଜାରରେ ପ୍ରଯୁକ୍ତିବିଦ୍ୟା ଆଧାରିତ ବୃହତ କମ୍ପାନୀଗୁଡ଼ିକର ପ୍ରଭାବ ବେଶ୍ ରହିଛି। ବର୍ତ୍ତମାନ ୫.୩୩ ଟ୍ରିଲିୟନ ଡଲାରର ମାର୍କେଟ୍ କ୍ୟାପ୍ ସହିତ ଏନଭିଡିଆ ବିଶ୍ୱର ସବୁଠାରୁ ମୂଲ୍ୟବାନ କମ୍ପାନୀ ଭାବେ ଶୀର୍ଷରେ ରହିଛି। ଏହା ପଛକୁ ଆଲଫାବେଟ୍ (୪.୭ ଟ୍ରିଲିୟନ ଡଲାର) ଦ୍ୱିତୀୟ ଏବଂ ଆପଲ୍ (୪.୩ ଟ୍ରିଲିୟନ ଡଲାର) ତୃତୀୟ ସ୍ଥାନରେ ରହିଛନ୍ତି। ମାଇକ୍ରୋସଫ୍ଟ ଏବଂ ଆମାଜନ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ବ୍ୟାଙ୍କିଙ୍ଗ ଏବଂ ଆଇଟି କ୍ଷେତ୍ରର ବଡ଼ କମ୍ପାନୀଗୁଡ଼ିକର ମଧ୍ୟ ସେମାନଙ୍କ ର୍ୟାଙ୍କିଂରେ ତୀବ୍ର ହ୍ରାସ ଘଟିଛି। ୨୦୨୬ ଆରମ୍ଭରେ ଆଇସିଆଇସିଆଇ ବ୍ୟାଙ୍କ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସିବିଆଇ) ୨୧୫ତମ ଏବଂ ୨୩୧ତମ ସ୍ଥାନରେ ଥିଲେ। କିନ୍ତୁ ବର୍ତ୍ତମାନ ଏହା ୨୭୪ତମ ଏବଂ ୨୭୬ତମ ସ୍ଥାନକୁ ଖସି ଆସିଛି। ଦେଶର ସର୍ବବୃହତ ସଫ୍ଟୱେର୍ କମ୍ପାନୀ ଟିସିଏସ୍‌ର ର୍ୟାଙ୍କିଂରେ ସବୁଠାରୁ ତୀବ୍ର ହ୍ରାସ ପାଇଛି। ଗତ ବର୍ଷ ୧୭୧ତମ ସ୍ଥାନରେ ଥିବା ଏହି ସଫ୍ଟୱେର କମ୍ପାନୀ ବର୍ତ୍ତମାନ ୩୧୪ତମ ସ୍ଥାନକୁ ଖସି ଆସିଛି। ଇନଫୋସିସ୍ ପୂର୍ବରୁ ୩୩୦ତମ ସ୍ଥାନରେ ଥିବା ବେଳେ ବର୍ତ୍ତମାନ ୫୯୦ତମ ସ୍ଥାନରେ ରହିଛି। ଏହାସହ ଆଇଟିସି ମଧ୍ୟ ୨୦୨୫ ଆରମ୍ଭରେ ୨୯୬ତମ ସ୍ଥାନ ଏବଂ ୨୦୨୬ ଆରମ୍ଭରେ ୪୬୬ତମ ସ୍ଥାନରୁ ଖସି ଏବେ ୭୦୨ତମ ସ୍ଥାନରେ ରହିଛି।

ବଜାର ପତନ ଯୋଗୁଁ ଘରୋଇ ସ୍ତରରେ ୧୦୦ ବିଲିୟନ ଡଲାରରୁ ଅଧିକ ମାର୍କେଟ୍ କ୍ୟାପ୍ ଥିବା କମ୍ପାନୀଗୁଡ଼ିକର ସଂଖ୍ୟା ୬ରୁ ହ୍ରାସ ପାଇ କେବଳ ୩ରେ ସୀମିତ ହୋଇଛି। ବର୍ତ୍ତମାନ କେବଳ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏଚଡିଏଫସି ବ୍ୟାଙ୍କ ଏବଂ ଭାରତୀ ଏୟାରଟେଲ୍ ପାଖରେ ଏହି ଯୋଗ୍ୟତା ରହିଛି। ଆଇସିଆଇସିଆଇ ବ୍ୟାଙ୍କ, ଏସବିଆଇ ଏବଂ ଟିସିଏସ୍ ଏହି କ୍ଲବରୁ ବାହାର ହୋଇଯାଇଛନ୍ତି। ଗ୍ଲୋବାଲ ମାର୍କେଟ୍ କ୍ୟାପ୍‌ର ଟପ୍ ୫୦୦ ତାଲିକାରେ ମଧ୍ୟ ଭାରତୀୟ କମ୍ପାନୀ ସଂଖ୍ୟା ୧୫ରୁ ହ୍ରାସ ପାଇ ବର୍ତ୍ତମାନ ୯କୁ ଖସି ଆସିଛି। ଆର୍ଥିକ ବିଶେଷଜ୍ଞ ଏବଂ ଗ୍ଲୋବାଲ୍ ବ୍ରୋକରେଜ୍ ହାଉସଗୁଡ଼ିକର ରିପୋର୍ଟ ଅନୁଯାୟୀ, ଭାରତୀୟ ବଜାରରେ ଅତ୍ୟଧିକ ଭାଲ୍ୟୁଏସନ୍ ପ୍ରିମିୟମ, କମ୍ପାନୀଗୁଡ଼ିକର ମନ୍ଥର ଆୟ, ଡଲାର ତୁଳନାରେ ଟଙ୍କାର ଦୁର୍ବଳ ସ୍ଥିତି ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ଯୁଦ୍ଧ ଚିନ୍ତା ଯୋଗୁଁ ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ନିବେଶ ପ୍ରତ୍ୟାହାର କରୁଛନ୍ତି। ଏହା ବ୍ୟତୀତ ମଧ୍ୟ-ପ୍ରାଚ୍ୟରେ ଲାଗିରହିଥିବା ସଂଘର୍ଷ କାରଣରୁ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ଟପିବା ଏବଂ କୃତ୍ରିମ ବୁଦ୍ଧିମତା ଭଳି ଉଚ୍ଚ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ସୀମିତ ନିବେଶ ଏହି ପତନର ଅନ୍ୟତମ ମୁଖ୍ୟ କାରଣ ସାଜିଛି।

